# ତହସିଲ କାର୍ଯ୍ୟାଳୟ, କାଶୀନଗର, ଜିଲ୍ଲା: ଗଜପତି ।

## ସଇରାତଉତ୍ସ ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

ସଂଖ୍ୟା : ୪୬୨୪ / ସଇରାତ ତାରିଖ : ୧୨-୧୦-୨୦୨୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (Rule 27) ଓ ସଂଶୋଧିତ ନିୟମାବଳୀ ୨୦୨୨ ଅନୁଯାଇ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କାଶୀନଗର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ୫ ବର୍ଷ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୨୦୨୬-୨୦୨୭ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ଦିଆଯିବା ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଓ ସଂଶୋଧିତ ନିୟମାବଳୀ ୨୦୨୨ ପ୍ରକାରେ ଫର୍ମ – "M" ଉପଯୁକ୍ତ ଭାବେ ପୂରଣ କରି ୩ ଟି ନକଲ ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, କାଶୀନଗର ଙ୍କ କାର୍ଯ୍ୟାଳୟରେ ଥିବା ବାକ୍ସ (Drop Box) ରେ ଆସନ୍ତା ତା: **୦୫-୧୧-୨୦୨୨ ଠାରୁ ତା: ୨୪-୧୧-୨୦୨୨** ରିଖ (ଛୁଟି ଦିନ ବ୍ୟତୀତ) ମଧରେ ପକାଇ ପାରିବେ । କିମ୍ବା ଜଉମୁଦ ଲଫାପା ଟିକୁ ଅନ୍ୟ ଏକ ଲଫାପା ରେ ଭର୍ତ୍ତି କରି Speed Post କିମ୍ବା Registered Post ମାଧମରେ ତହସିଲଦାର, କାଶୀନଗର, ଗ୍ରାମ / ପୋଷ୍ଟ : କାଶୀନଗର, ଜିଲ୍ଲା : ଗଜପତି, ପିନ କୋଡ଼ : 761206 ଠିକଣାରେ ପଠାଇ ପାରିବେ । ସୂଚନା ଯୋଗ୍ୟ ଯେ, ଧାର୍ଯ୍ୟ ତାରିଖ ଓ ସମୟ **୨୪-୧୧-୨୦୨୨ ଅପରାହ୍ନ ୦୫ .୩୦)** ପରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଲଫାପା ଉପରେ ସଇରାତ ଉତ୍ସ ର ନାମ ଓ କ୍ରମିକ ସଂଖ୍ୟା ଲେଖାଯାଇ ଥିବା ବାଞ୍ଛନୀୟ । ତା: **୨୫-୧୧-୨୦୨୨** ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ବାକ୍ସ ଟିକୁ ଖୋଲା ଯିବ ଓ ପ୍ରାପ୍ତ ସମସ୍ତ ଦରଖାସ୍ତ ଗୁଡିକ ତନଖି କରାଯିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ କାର୍ଯ୍ୟ ଦିବସ ଦିନ ଅପରାହ୍ନ **୦୫ .୩୦** ଘଟିକା (Office Hour) ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା / ଅଧିକାର ନିଲାମ ଅଧିକାରୀ ଓ ଜିଲ୍ଲାପାଳ ଗଜପତି ଙ୍କ ର ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ :**

୧: ଦରଖାସ୍ତ ପାଉଣା ବାବଦକୁ ଟ.୧୦୦୦.୦୦ ଙ୍କା (ଅଣଫେରସ୍ତ) ର ଟ୍ରେଜରି ଚାଲାଣ ("0853-Non-ferrous Mining and Metallurgical Industries-102-Mineral Concession Fees, Rents and Royalties-") / ("0853-00-102-0217-02021-000 - Odisha Minor Mineral Concession Rules")

୨: ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଅନୁଯାଇ ଆବେଦନକାରୀଙ୍କ ନାମରେ କୌଣସି ଅର୍ଥ ବକେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ

୩: ନିର୍ଧାରିତ ବଇନା ଧନ (Earnest Money) ପଇଠ ସମ୍ବନ୍ଧେ ପ୍ରମାଣ ପତ୍ର : ଏକ ବର୍ଷ ମଧରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity) ପାଇଁ ରାଜଭାଗ (royalty) ସହ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ମୂଲ୍ୟର ୫% (Demand Draft drawn in favour ofTahasildar, Kashinagar, Payable at Kashinagar) (ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ପ୍ରକାରେ)

୪: ଏକ ବର୍ଷ ମଧରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity) ପାଇଁ ଦେୟ ରାଜଭାଗ (royalty) ସହ ଦରଖାସ୍ତକାରୀ ଦେବାକୁ ଚାହୁଁ ଥିବା / ଉଲ୍ଲେଖ କରିଥିବା ଅତିରିକ୍ତ ଦେୟ (Additional Charge) କୁ ହିସାବକୁ ନେଇ ସମତୁଲ ମୂଲ୍ୟ ର ଗତ ଆର୍ଥିକ ବର୍ଷ (୨୦୨୧-୨୨) ଆୟ ପାଇଁ ଦରଖାସ୍ତ କାରୀଙ୍କ ଦ୍ୱାରା ଆୟକର ଦାଖଲ ବିବରଣୀ (Income Tax Return) କିମ୍ବା, ଉକ୍ତ ମୂଲ୍ୟ ର ୧୮ ମାସ ବୈଧ ଥିବା Bank Guarantee (OMMC Amendment Rules, 2022 ଅନୁଯାୟୀ) ।

୫: ସରକାରଙ୍କ ଦ୍ୱାରା ଧାର୍ଯ୍ୟ / ଏହି ନିଲାମ ଇସ୍ତାହାର ରେ ଉଲ୍ଲେଖିତ ରାଜଭାଗ (Royalty) ଟ. ୧୩୦/- ସ୍ଥିର ଏବଂ ବାଧ୍ୟତା ମୂଳକ ଦେୟ ଅଟେ । ଅପରପକ୍ଷେ ଏହି ଇସ୍ତାହାରରେ ଉଲ୍ଲିଖିତ ଥିବା ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଟ. ୧୨୦ /-, ଉକ୍ତ ରାଜଭାଗ (Royalty) ବ୍ୟତିରକେ ଦେୟ ଅଟେ । ଏହି ଇସ୍ତାହାରରେ ଉଲ୍ଲିଖିତ ଥିବା ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଠାରୁ କମ ମୂଲ୍ୟର ଅତିରିକ୍ତ ଦେୟ (Additional Charge) ଗ୍ରହଣୀୟ ନୁହେଁ । ଉଦାହରଣ ସ୍ୱରୂପ, ଯଦି ଦରଖାସ୍ତ କାରୀ ଇସ୍ତାହାରରେ ଉଲ୍ଲିଖିତ ଥିବା ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଟ. ୧୨୦/- ଠାରୁ ଟ. ୫/- ଅଧିକ ଦେବାକୁ ଚାହୁଁଛନ୍ତି, ତେବେ Application form "M" ର Point No. ୦୫ ରେ ଟ . ୧୨୫ /- ବୋଲି ସ୍ପଷ୍ଟ ଭାବେ ଲେଖିବେ । ଏହିପରି ଭାବେ ଦରଖାସ୍ତକାରୀ ଦେବାକୁ ଚାହୁଁ ଥିବା ଅତିରିକ୍ତ ଦେୟ (Additional Charge) କୁ ଦରଖାସ୍ତ ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ ।

**ବିଶେଷ ସର୍ତ୍ତାବଳୀ :**

୧: ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (OMMC Rule - 2016) ଓ ସଂଶୋଧିତ ନିୟମାବଳୀ ୨୦୨୨ ଓ ଏଥି ସମ୍ବନ୍ଧିତ ସରକାରଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶ ଏବଂ Revised Manual of Tahasil Account ର ପରିସରଭୁକ୍ତ ରହିବେ ।

୨: ପ୍ରଚଳିତ "ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (OMMC Rule - 2016) ଓ ସଂଶୋଧିତ ନିୟମାବଳୀ ୨୦୨୨" ଅନୁଯାୟୀ ଆବେଦନକାରୀ ଙ୍କ ମଧ୍ଯରୁ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଉଲ୍ଲେଖ କରିଥିବା ଆବେଦନକାରୀ ଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ସର୍ବୋଚ୍ଚ ସଫଳ ନିଲାମ ଧାରୀ ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ କିମ୍ବା ନିଲାମ ରୁ ଓହରି ଯାଆନ୍ତି ତେବେ ନିୟମ ଅନୁଯାୟୀ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଧାରୀ ଙ୍କୁ ସୁଯୋଗ ଦିଆଯିବ । ଏକରୁ ଅଧିକ ଆବେଦନକାରୀ / ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରିଥିବା ପରିପ୍ରେକ୍ଷୀରେ ଲଟେରୀ ମାଧ୍ୟମରେ ସଫଳ ନିଲାମ ଧାରୀ ଚୟନ କରାଯିବ ।

୩: ଲିଜ ଦରଖାସ୍ତ କାରୀ Quarry Lease ସର୍ତ୍ତାବଳି ମାନିବା ବାଧ ହେବେ ଏବଂ ଏହି ସମ୍ବନ୍ଧୀୟ ନିଜର ସହମତି ସହ ନିଲାମ ଅଧିକାରୀ ଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ରାଶି (Security Deposit) ନିଲାମ ଚୁଡାନ୍ତ ପରେ ୧୫ ଦିନ ମଧ୍ୟରେ Demand Draft (Drawn in favour of Tahasildar, Kashinagar, Payable at Kashinagar) ଆକାରରେ ତହସିଲଦାର, କାଶୀନଗର (ନିଲାମ ଅଧିକାରୀ) ଙ୍କ ନିକଟରେ ଦାଖଲ କରିବେ ।

୪: ଯଦି ଲିଜ ଦରଖାସ୍ତ କାରୀ / ନିଲାମଧାରୀ ନିର୍ଦ୍ଧାରିତ ସମୟରେ Mining Plan ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜ ପତ୍ର ଦାଖଲ ନ କରନ୍ତି ତେବେ ଉକ୍ତ ଅମାନତ ରାଶି (Security Deposit) କୁ ବାଜ୍ୟାପ୍ତି କରାଯିବ । ନିଲାମ ଅଧିକାରୀ ଙ୍କ ଆଦେଶ କ୍ରମେ Mining Plan ଓ ପରିବେଶ ମଞ୍ଜୁରୀ (Environment Clearance) ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ଲିଜ ଦରଖାସ୍ତ କାରୀ / ନିଲାମଧାରୀ ବହନ କରିବେ ।

୫: ଏକ ବର୍ଷରେ ଉତ୍ତୋଳନ କରାଯାଉଥିବା ସର୍ବନିମ୍ନ ଲଘୁ ଖଣିଜ ଦ୍ରବ୍ୟ ପରିମାଣ (Minimum Guaranteed Quantity) ପାଇଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ royalty ଓ ଲିଜ ଆବେଦନକାରୀ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) କୁ ହିସାବକୁ ନେଇ ତଦନୁଯାୟୀ, ସମ୍ପୃକ୍ତ ଅର୍ଥ ଏବଂ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଓ ସଂଶୋଧିତ ନିୟମାବଳୀ ୨୦୨୨ ଅନୁଯାଇ ନିର୍ଧାରିତ ଅନ୍ୟନ୍ୟ ଆବଶ୍ୟକୀୟ ଦେୟ କୁ Approved Mining Plan ଏବଂ Environment Clearance ସଂମ୍ପୃକ୍ତ କର୍ତ୍ତୃପକ୍ଷ ଙ୍କ ଠାରୁ ଆଣି ନିଲାମ ଅଧିକାରୀ ଙ୍କ ନିକଟରେ ଦାଖଲ କଲା ପରେ ଚୁକ୍ତି ପତ୍ର (Lease Deed) ସମ୍ପାଦନ ପୂର୍ବରୁ ନିଲାମ ଅଧିକାରୀ ଙ୍କ ଠାରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ରେଜିଷ୍ଟ୍ରେଶନ ଆଇନ (Orissa Registration Act. 1908 & Stamp Act.1899) ଅନୁଯାଇ ଚୁକ୍ତି ପତ୍ର (Lease Deed) ସମ୍ପାଦନ କରିବେ

୬: ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ (Additional Charge) ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୭: ନିଲାମଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଓ ସଂଶୋଧିତ ନିୟମାବଳୀ ୨୦୨୨ ଏବଂ ଏଥି ସମ୍ବନ୍ଧୀୟ ସରକାରଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶ ର ସମସ୍ତ ସର୍ତ୍ତ ମାନିବା ନିମନ୍ତେ ବାଧ ହେବେ ।

୮: ଲିଜଧାରୀ ନିମ୍ନ ଲିଖିତ ଖର୍ଚ୍ଚ ମାନ ଦେବାକୁ / ବହନ କରିବାକୁ ବାଧ ହେବେ

a) Royalty + Additional Charge ର ୨% ଅର୍ଥ ଆୟକର (T.D.S.) ସଂମ୍ପୃକ୍ତ କର୍ତ୍ତୃପକ୍ଷ ଙ୍କ ଠାରେ ଜମା କରି ତାହାର ପ୍ରମାଣ ପତ୍ର ନିଲାମ ଅଧିକାରୀ ଙ୍କ ନିକଟରେ ଦାଖଲ କରିବେ ।

b) ଜି.ଏସ.ଟି. ବାବଦକୁ Royalty + Additional Charge ର ୧୮% ଚାଲାଣ ଆକାରରେ ସଂମ୍ପୃକ୍ତ କର୍ତ୍ତୃପକ୍ଷ ଙ୍କ ଠାରେ ଜମା କରି ତାହାର ପ୍ରମାଣ ପତ୍ର ନିଲାମ ଅଧିକାରୀ ଙ୍କ ନିକଟରେ ଦାଖଲ କରିବେ ।

c) ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଏବଂ ନିୟମାବଳୀ ର ଅନ୍ତର୍ଭୁକ୍ତ ରହିବେ ।

d) ଆବଶ୍ୟକ ସ୍ଥଳେ ସମ୍ବାଦ ପତ୍ର ରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଚ

e) ଓଡିଶା ଖଣିଜ ପ୍ରତିଷ୍ଠାନ ପାଣ୍ଠି ନିୟମ ୨୦୧୫ ଅନୁଯାୟୀ Royalty + Additional Charge ର ୧୦% ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଅଂଶ ନିଲାମ ଅଧିକାରୀ ଙ୍କ ଠାରେ ପଇଠ କରିବେ ।

f) ଖଣି କୁ ସଂଯୋଗ କରୁଥିବା ରାସ୍ତା ର ନିର୍ମାଣ କିମ୍ବା ଉନ୍ନତି କରଣ ସମସ୍ତ ଖର୍ଚ୍ଚ

g) ଜି.ଏସ.ଟି. ପଞ୍ଜୀକରଣ ସଂଖ୍ୟା (ସମ୍ପୃକ୍ତ ବିଧିମାନ୍ୟ ଦସ୍ତାବିଜ ସହ) ନିଲାମ ଅଧିକାରୀ ନିକଟରେ ଦାଖଲ କରିବେ ।

h) ସମ୍ପୃକ୍ତ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ ଙ୍କ ଠାରୁ ଆବଶ୍ୟକୀୟ ମଞ୍ଜୁରି ନିଲାମ ଅଧିକାରୀ ନିକଟରେ ଦାଖଲ କରିବେ

ଇଚ୍ଛୁକ ଆବେଦନକାରୀ ନିମ୍ନ ସଇରାତ ଉତ୍ସ ଗୁଡିକ ପରିଦର୍ଶନ, ଏବଂ ଅନ୍ୟାନ୍ୟ ତଥ୍ୟ ଅବଗତ ନିମନ୍ତେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଙ୍କ ସହ ପରାମର୍ଶ କରି ଆବେଦନ କରିବା ବାଞ୍ଛନୀୟ । ପରବର୍ତ୍ତୀ ସମୟରେ ସଇରାତ ଉତ୍ସ ର ପରିଚାଳନା ସମ୍ବନ୍ଧୀୟ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ତଥ୍ୟ ତହସିଲ କାର୍ଯ୍ୟାଳୟ ରେ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ http://gajapati.nic.in ରେ ମଧ୍ୟ ଉପଲବ୍ଧ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ନିଲାମ ଅଧିକାରୀ ଙ୍କ ରହିଅଛି ।

**ନିଲାମର ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ :**

ତହସିଲ କାର୍ଯ୍ୟାଳୟ, କାଶୀନଗର ତା. **୨୫-୧୧-୨୦୨୨** ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟ । ଉକ୍ତ ତାରିଖ ଦିନ ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧି ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ ଅଭିଯୋଗ କଲେ ତାଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**<u>ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ବିବରଣୀ</u>**

| କ୍ର. ସଂଖ୍ୟା | ସଇରାତ ଉତ୍ସ ଗୁଡିକର ନାମ | ରାଜସ୍ୱ ମୌଜାର ନାମ | ଖାତା ସଂଖ୍ୟା | ଖସଡା ସଂଖ୍ୟା (ପ୍ଲଟ ନମ୍ବର) | ସଇରାତ ଉତ୍ସର ରକବା | | ସରକାରଙ୍କ ଧାର୍ଯ୍ୟ ରୟାଲ୍ଟୀ ମୂଲ୍ୟ (Royalty) (ଟଙ୍କା) | Minimum Additional Charge in Rs. | Minimum Guaranteed Quantity to be lifted per annum in Cum | Amount of Earnest Money to be submitted with the application in shape of DD (in Rs.) | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| | | | | | ଏକରରେ | ହେକ୍ଟର ରେ | | | | | |
| ୧ | ଭେଙ୍କଟପୁର ପଥର ଖାଦାନ – III | ଭେଙ୍କଟପୁର | ୯୬ | ୨୧୯ | ୩୩. ୬୮୫ | ୧୩. ୬୩୨୧ | ୧୩୦/- | ୧୨୦/- | ୧୦୦୦୦ cum | ୧୨୫୦୦୦/- | |
| ୨ | ଭେଙ୍କଟପୁର ପଥର ଖାଦାନ - IV | ଭେଙ୍କଟପୁର | ୯୬ | ୧୩ | ୨୫. ୦୦୦ | ୧୦.୧୧୭୩ | ୧୩୦/- | ୧୨୦/- | ୪୦୦୦୦ cum | ୫୦୦୦୦୦/- | |
| ୩ | ଭେଙ୍କଟପୁର ପଥର ଖାଦାନ – V | ଭେଙ୍କଟପୁର | ୯୬ | ୧୩ | ୨୫. ୬୮୫ | ୧୦. ୩୯୪୫ | ୧୩୦/- | ୧୨୦/- | ୪୦୦୦୦ cum | ୫୦୦୦୦୦ /- | |
| ୪ | ଭେଙ୍କଟପୁର ପଥର ଖାଦାନ – VI | ଭେଙ୍କଟପୁର | ୯୬ | ୨୯୧ | ୨୫. ୦୦୦ | ୧୦.୧୧୭୩ | ୧୩୦/- | ୧୨୦/- | ୫୦୦୦୦ cum | ୬୨୫୦୦୦ /- | |
| ୫ | ପଥର ଖାଦାନ. ଖାଣ୍ଡବା | ଖାଣ୍ଡବା | ୬୯୯ | ୧୦୩୫ | ୯.୩୭୫ | ୩.୭୯୪୦ | ୧୩୦/- | ୧୨୦/- | ୩୦୦୦୦ cum | ୩୭୫୦୦୦/- | |

ଯଦି କୌଣସି ସଇରାତ ଉତ୍ସ ଧାର୍ଯ୍ୟ ତା. **୨୫-୧୧-୨୦୨୨** ରିଖ ଦିନ ନିଲାମ ହୋଇପାରେ ନାହିଁ ତେବେ ଉକ୍ତ ଉତ୍ସ ପାଇଁ ତା. **୨୮-୧୧-୨୦୨୨ ରିଖ ଠାରୁ ତା. ୦୫-୧୨-୨୦୨୨** ରିଖ ମଧ୍ୟରେ ବାକ୍ସ (Drop Box) / Speed Post କିମ୍ବା Registered Post ମାଧ୍ୟମରେ ପୁନର୍ବାର ଦରଖାସ୍ତ ଗ୍ରହଣ କରାଯିବ । ତା. **୦୬-୧୨-୨୦୨୨** ରିଖ ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ବାକ୍ସ ଟିକୁ ଖୋଲା ଯାଇ ପ୍ରାପ୍ତ ଦରଖାସ୍ତ ଗୁଡିକୁ ତନଖି କରାଯାଇ ନିୟମ ଅନୁଯାୟୀ ସଫଳ ନିଲାମ ଧାରୀ ଚୟନ କରାଯିବ ।

ସେହିପରି, ଯଦି କୌଣସି ସଇରାତ ଉତ୍ସ ଧାର୍ଯ୍ୟ ତା. **୦୬-୧୨-୨୦୨୨** ରିଖ ଦିନ ପୁନର୍ବାର ନିଲାମ ହୋଇପାରେ ନାହିଁ ତେବେ ଉକ୍ତ ଉତ୍ସ ପାଇଁ ତା. **୦୭-୧୨-୨୦୨୨** ରିଖ ଠାରୁ ତା. **୧୫-୧୨-୨୦୨୨** ରିଖ ମଧ୍ୟରେ ବାକ୍ସ (Drop Box) / Speed Post କିମ୍ବା Registered Post ମାଧ୍ୟମରେ ପୁନର୍ବାର ଦରଖାସ୍ତ ଗ୍ରହଣ କରାଯିବ । ତା. **୧୬-୧୨-୨୦୨୨** ରିଖ ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ବାକ୍ସ ଟିକୁ ଖୋଲା ଯାଇ ପ୍ରାପ୍ତ ଦରଖାସ୍ତ ଗୁଡିକୁ ତନଖି କରାଯାଇ ନିୟମ ଅନୁଯାୟୀ ସଫଳ ନିଲାମ ଧାରୀ ଚୟନ କରାଯିବ ।

**ତହସିଲଦାର, କାଶୀନଗର**

**ପରିପତ୍ର ସଂଖ୍ୟା :** ୪୨୨୪ **/ ସଇରାତ** **ତାରିଖ :** ୧୬-୧୦-୨୦୨୨

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ପ୍ରେରଣ କରାଯାଉଅଛି ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ, ସେମାନେ ଏହି ବିଜ୍ଞାପନ ର ଏକକିତା ନକଲ ନିଜ ନିଜ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକରେ ଲଟକାଇବେ ଓ ଅନ୍ୟ ଏକକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ ଧେନ୍ଦୁରା ମାଧ୍ୟମରେ ବହୁଳ ଭାବରେ ପ୍ରଚାର କରି ତୃତୀୟ କିତା ନକଲ ରେ ସମସ୍ତ ବିବରଣୀ ଦର୍ଶାଇ ଏବଂ ସଇରାତ ଉତ୍ସ ଗୁଡିକର ନକ୍ସା ତିଆରି କରି ୦୩ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦାଖଲ କରିବେ ।

**ତହସିଲଦାର, କାଶୀନଗର**

**ପରିପତ୍ର ସଂଖ୍ୟା :** ୪୨୨୫ **/ ସଇରାତ** **ତାରିଖ :** ୧୬-୧୦-୨୦୨୨

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାଶୀନଗର / କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର / ଚିକିତ୍ସା ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କାଶିନଗର / ଥାନା ଅଧିକାରୀ, କାଶିନଗର ଥାନା / ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, କାଶିନଗର / ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଚିକିତ୍ସାଳୟ, କାଶିନଗର / ବନାଞ୍ଚଳ ଅଧିକାରୀ, କାଶିନଗର ବନାଞ୍ଚଳ / ସମସ୍ତ ପଞ୍ଚାୟତର ସରପଞ୍ଚ, କାଶୀନଗର ପଞ୍ଚାୟତ ସମିତି ଙ୍କୁ ପ୍ରେରଣ କରାଯାଉଅଛି । ବିଜ୍ଞାପନ ର ବହୁଳ ପ୍ରଚାର ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ, ଉକ୍ତ ବିଜ୍ଞାପନ ସେମାନଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଟକାଇବା ପାଇଁ ଅନୁରୋଧ କରାଯାଉଅଛି ।

**ତହସିଲଦାର, କାଶୀନଗର**

**ପରିପତ୍ର ସଂଖ୍ୟା :** ୪୨୨୬ **/ ସଇରାତ** **ତାରିଖ :** ୧୬-୧୦-୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି / ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି / ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ଗଜପତି/ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଗଜପତି / ବନଖଣ୍ଡ ଅଧିକାରୀ, ଗଜପତି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଉଅଛି ।

**ତହସିଲଦାର, କାଶୀନଗର**